# ପତ୍ରମୋଡ଼ା ଓ ନଳୀ ପୋକର ପରିଚାଳନା ନିମନ୍ତେ
# ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଶେଷ ସୂଚନା

No. 56-L

ବର୍ତ୍ତମାନ ରାଜ୍ୟର କେତେକ ଜିଲ୍ଲାରେ ଖରିଫ୍ ଧାନ ଫସଲରେ ପତ୍ରମୋଡ଼ା ଓ ନଳୀ ପୋକର ପ୍ରାଦୁର୍ଭାବ ଦେଖାଦେଇଛି ।

ଅଧିକ ବର୍ଷା ହୋଇ ପାଣି ଜମି ରହିଲେ ନଳୀପୋକ ଆକ୍ରମଣ ଅଧିକ ହୋଇଥାଏ । ପାଣି ସୁଅରେ ନଳୀଗୁଡ଼ିକ ଭାସି ଖାଲୁଆ ବିଲରେ ଜମା ହୋଇଯାଆନ୍ତି । ତେଣୁ ଖାଲ ଜମିରେ ଏହି କୀଟର ପ୍ରାଦୁର୍ଭାବ ଅଧିକ ହୋଇଥାଏ । ଶୂକଗୁଡ଼ିକ ପତ୍ରରୁ ସବୁଜ କଣା କୋରି ଖାଇବା ଯୋଗୁଁ ପତ୍ର ଧଳା ଦେଖାଯାଏ । ଶୂକ ପତ୍ରକୁ କାଟି ନଳୀ କରି ତା ମଧ୍ୟରେ ରହେ । ଦୂରରୁ ଦେଖିଲେ ଧାନ ପତ୍ରକୁ କଇଁଚିରେ କାଟିବା ପରି ଦେଖାଯାଏ । ଏହାର ପ୍ରଜାପତି ଟିକ୍ ଟିକ୍ ଧଳା ଓ ଦିନ ବେଳେ ଉଡ଼ିବାର ଲକ୍ଷ୍ୟ କରାଯାଏ ।

ଉଷ୍ମ ଓ ଆର୍ଦ୍ର ପାଣିପାଗରେ ପତ୍ରମୋଡ଼ା ପୋକ ଅଧିକ ଆକ୍ରମଣ କରିଥାନ୍ତି । ଏହି କୀଟର ପ୍ରଜାପତି ବାଦାମୀ ରଙ୍ଗର ଓ ଡେଣାରେ କଳା ଗାର ସବୁ ଥାଏ । ଶୂକଗୁଡ଼ିକ ପତ୍ରଧାରକୁ ନିଜ ଲାଳ ଦ୍ୱାରା ଗୁଡ଼ାଇ ମୋଡ଼ି ଦିଅନ୍ତି ଓ ତା ମଧ୍ୟରେ ରହି ସବୁଜ ଅଂଶ କୋରି ଖାଆନ୍ତି । ପତ୍ର ଉପରେ ସମାନ୍ତରାଳ ଧଳା ଦାଗ ସବୁ ଦେଖାଯାଏ । ଥୋଡ଼ ପତ୍ର ବାହାରିବା ସମୟରେ ଏହି କୀଟର ଆକ୍ରମଣ ହେଲେ ଅମଳ ହ୍ରାସ ପାଇଥାଏ ।

**ପରିଚାଳନା**

୧) ପତ୍ରମୋଡ଼ା ଓ ନଳୀପୋକ ଆକ୍ରାନ୍ତ ବିଲରେ ଏକର ପ୍ରତି ୨୫ କି.ଗ୍ରା. ବାଲି ସହ ଏକ ଲିଟର କିରୋସିନ୍ ଭଲଭାବରେ ମିଶାଇ ବିଞ୍ଚି ଦିଅନ୍ତୁ । ଏହା ପରେ ଧାନଗଛ ଉପରେ ଦୁଇ ପଟୁ ଦୁଇ ଜଣ ଦଉଡ଼ି ଧରି ଚଲାଇ ଦିଅନ୍ତୁ । ଏହା ଦ୍ୱାରା ଗଛରେ ଲାଗିଥିବା ଶୂକଗୁଡ଼ିକ ପାଣିରେ ପଡ଼ି ମରିଯିବେ ।

୨) ଅଧିକ ଆକ୍ରାନ୍ତ ବିଲରେ ନିମ୍ନୋକ୍ତ କୀଟନାଶକରୁ ଯେକୌଣସି ଗୋଟିଏ ଅନୁମୋଦିତ ମାତ୍ରାରେ ପ୍ରୟୋଗ କରନ୍ତୁ ।

| ନଳୀ ପୋକ | | ପତ୍ରମୋଡ଼ା ପୋକ | |
|---|---|---|---|
| କୀଟନାଶକ | ଏକର ପ୍ରତି ମାତ୍ରା | କୀଟନାଶକ | ଏକର ପ୍ରତି ମାତ୍ରା |
| ଫିପ୍ରୋନିଲ୍ ୫% ଏସ୍.ସି. | ୪୦୦ ମି.ଲି. | କାର୍ଟାପହାଇଡ୍ରୋକ୍ଲୋରାଇଡ୍ ୫୦% ଏସ୍.ପି. | ୪୦୦ ଗ୍ରାମ୍ |
| ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. | ଇଣ୍ଡକ୍ସାକାର୍ବ ୧୪.୫% ଏସ୍.ସି. | ୨୦୦ ମି.ଲି. |
| ପ୍ରୋଫେନୋଫସ୍ ୫୦% ଇ.ସି. | ୪୦୦ ମି.ଲି. | ଲାମଡାସାଇହାଲୋଥ୍ରିନ୍ ୨.୫% ଇ.ସି. | ୨୦୦ ମି.ଲି. |

**ଅଧିକ ବିବରଣୀ ନିମନ୍ତେ ନିକଟସ୍ଥ ସହକାରୀ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।**

OI034/11/0020/1920

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**